# Joint Press Release of the 15th Round of China-India Corps Commander Level Meeting

March 12, 2022

## ଚୀନ-ଭାରତ ମଧ୍ୟରେ 15 ତମ ପର୍ଯ୍ୟାୟ ସେନା କମାଣ୍ଡରସ୍ତରୀୟ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

**ମାର୍ଚ୍ଚ 12, 2022**

11 ମାର୍ଚ୍ଚ 2022 ରେ ଭାରତ ପାର୍ଶ୍ୱରେ ଥିବା ଚୁସୁଲ-ମୋଲଡୋ ସୀମା ବୈଠକ ସ୍ଥଳରେ ଚୀନ-ଭାରତ ମଧ୍ୟରେ 15 ତମ ପର୍ଯ୍ୟାୟ ସେନା କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ପ୍ରାସଙ୍ଗିକ ସମସ୍ୟାର ସମାଧାନ ପାଇଁ 12 ଜାନୁଆରୀ 2022 ରେ ଅନୁଷ୍ଠିତ 14 ତମ ପର୍ଯ୍ୟାୟ ବୈଠକ ଉପରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ଅବଶିଷ୍ଟ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ କାର୍ଯ୍ୟ କରିବାକୁ ଉଭୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ଦ୍ୱାରା ଦିଆଯାଇଥିବା ମାର୍ଗଦର୍ଶନକୁ ଦୃଷ୍ଟିରେ ରଖି ଏ ବାବଦରେ ସେମାନେ ବିସ୍ତୃତ ମତ ବିନିମୟ କରିଥିଲେ।

ସେମାନେ ଦୋହରାଇଥିଲେ ଯେ ସମସ୍ୟାଗୁଡ଼ିକର ସମାଧାନ ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ସାହାଯ୍ୟ କରିବ ଏବଂ ଦ୍ୱିପାକ୍ଷିକ ସଂପର୍କରେ ଅଗ୍ରଗତିକୁ ସୁଗମ କରିବ।

ପଶ୍ଚିମ ସେକ୍ଟରରେ ଭୂମି ସ୍ଥରରେ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ଅବଶିଷ୍ଟ ସମସ୍ୟାର ଶୀଘ୍ର ଗ୍ରହଣୀୟ ସମାଧାନ ବାହାର କରିବା ପାଇଁ ସାମରିକ ତଥା କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଲୋଚନା ଜାରି ରଖିବାକୁ ସେମାନେ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ମାର୍ଚ୍ଚ 12, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.